# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**13 March - 2024**

News Editor : Tapan Kumar Moharana

************************************

## ମୁଖ୍ୟ ସମ୍ବାଦ

- ସମାଜର ମଙ୍ଗଳ ଓ ରୋଜଗାର ଆଧାରିତ ଜନକଲ୍ୟାଣ ପୋର୍ଟାଲ- **ପିଏମ୍ ସୁରଜ୍** କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କରିବେ ଲୋକାର୍ପଣ

- ରାଜ୍ୟ ସରକାର ପଦ୍ମ ପୁରସ୍କାର ବିଜେତାଙ୍କୁ ମାସକୁ ୨୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବେ

- ୨୨ଟି ନୂତନ ଏନ୍ଏସି ଓ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଏନ୍ଏସିକୁ ମ୍ୟୁନିସିପାଲ୍ଟିକୁ ଉନ୍ନୀତ କଲେ ରାଜ୍ୟ ସରକାର

ଏବଂ

- ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀବିଗ୍ରହମାନଙ୍କ ବନକ ଲାଗି ନୀତି ପାଇଁ ସନ୍ଧ୍ୟାରେ ୩ ଘଣ୍ଟା ପାଇଁ ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

## ସୂରଜ ପୋର୍ଟାଲ

ସମାଜର ମଙ୍ଗଳ ଏବଂ ରୋଜଗାର ଆଧାରିତ ଜନକଲ୍ୟାଣ ପୋର୍ଟାଲ- **ପିଏମ୍ ସୁରଜ୍** କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଲୋକାର୍ପଣ କରିବେ । ଏହି ଅବସରରେ ଅବହେଳିତ ବର୍ଗର ହିତାଧିକାରୀମାନଙ୍କର ନିଯୁକ୍ତି ସୃଷ୍ଟି ଲାଗି ୧ ଲକ୍ଷ ଋଣ ବଣ୍ଟନ କରାଯିବ । ସେହିଭଳି **ନମସ୍ତେ** ଆୟୁଷ୍ମାନ ହେଲ୍‌ଥ କାର୍ଡ ବଣ୍ଟନ ଯୋଜନାର ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିବେ । ସମାଜର ବଞ୍ଚିତ ଓ ପଛୁଆବର୍ଗର ଲୋକମାନଙ୍କର ମଙ୍ଗଳ ସରକାରଙ୍କର ପ୍ରାଥମିକତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । କେନ୍ଦ୍ର ସରକାରଙ୍କର ଠିକ୍ ପଦକ୍ଷେପ ଯୋଗୁଁ ଗତ ୧୦ବର୍ଷ ମଧ୍ୟରେ ଦେଶର ୨୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖାରୁ ମୁକୁଳିଛନ୍ତି ।

## ପଦ୍ମ ବିଜେତାଙ୍କୁ ୨୫ ହଜାର

ପଦ୍ମ ପୁରସ୍କାର ବିଜେତାଙ୍କୁ ରାଜ୍ୟ ସରକାର ମାସକୁ ୨୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ପଦ୍ମ ପୁରସ୍କାର ଦେଶର ମର୍ଯ୍ୟାଦାଜନକ ବେସାମରିକ ସମ୍ମାନ । ରାଜ୍ୟରୁ ପଦ୍ମ ପୁରସ୍କାର ପାଇଥିବା ବ୍ୟକ୍ତିବିଶେଷଙ୍କର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଓଡ଼ିଶାକୁ ଗୌରବାନ୍ୱିତ କରିଥିବାରୁ ରାଜ୍ୟ ସରକାର ଏହି ପଦକ୍ଷେପ ନେଇଛନ୍ତି । ଚଳିତବର୍ଷ

ଏପ୍ରିଲଠାରୁ ଏହି ସମ୍ମାନରାଶି ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି ।

## ୨୨ ଏନ୍ଏସି ଘୋଷଣା

ରାଜ୍ୟର ୧୩ଟି ଜିଲ୍ଲାର ୨୨ଟି ନୂତନ ବିଜ୍ଞପିତ ଅଞ୍ଚଳ ପରିଷଦ-ଏନ୍ଏସି ଏବଂ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଏନ୍ଏସିକୁ ମ୍ୟୁନିସିପାଲ୍ଟିକୁ ଉନ୍ନୀତ କରାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଏ ସଂକ୍ରାନ୍ତରେ ବିଧିବଦ୍ଧ ଘୋଷଣା କରିଛନ୍ତି । ବୌଦ୍ଧ ଜିଲ୍ଲାର ମନମୁଣ୍ଡା, ପୁରୁଣାକଟକ ଓ ବାଉଁଶୁଣି, ବଲାଙ୍ଗିରର ଲୋଇସିଙ୍ଗା ଓ ସିନ୍ଧେକେଲା, ବରଗଡ଼ର ସୋହେଲା, ବାଲେଶ୍ୱରର ବାଲିଆପାଳ ଓ ଖଇରା, ଭଦ୍ରକର ଧାମରା, ଢେଙ୍କାନାଳର ରାସୋଳ, ଜଗତ୍ସିଂହପୁରର କୁଜଙ୍ଗ, କଳାହାଣ୍ଡିର ନର୍ଲା ଓ ମଦନପୁର-ରାମପୁର, ଖୋର୍ଦ୍ଧାର ବୋଲଗଡ଼, ନୟାଗଡର ଶରଣକୁଳ, ପୁରୀର ସାକ୍ଷୀଗୋପାଳ ଓ କାକଟପୁର, ସମ୍ବଲପୁରର ରେଙ୍ଗାଲି ଓ ବାମଣ୍ଡା ଏବଂ ସୁବର୍ଣ୍ଣପୁର ଜିଲ୍ଲାର ସୁବଳୟା, ଉଲୁଣ୍ଡା ଓ ରାମପୁର ଆଦି ସ୍ଥାନକୁ ଏନ୍ଏସି ମାନ୍ୟତା ପ୍ରଦାନ କରାଯାଇଛି । ଜନସାଧାରଣଙ୍କ ଦାବି, କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ନୂତନ ଏନ୍ଏସି ଗଠନ କରାଯାଇଛି ।

ସୂଚନାଯୋଗ୍ୟ, ଗତମାସରେ ମୁଖ୍ୟମନ୍ତ୍ରୀ ୩୫ଟି ନୂଆ ଏନ୍‌ଏସି ଓ ୫ଟି ନୂଆ ପୌରପରିଷଦ ଗଠନ ବିଷୟ ଘୋଷଣା କରିଥିଲେ ।

## କର୍ପୋରେଟରଙ୍କ ଦରମା ବୃଦ୍ଧି

ରାଜ୍ୟର ୫ଟି ମହାନଗର ନିଗମ, ୪୮ଟି ପୌର ପରିଷଦ ଓ ୬୮ଟି ବିଜ୍ଞପିତ ଅଂଚଳ ପରିଷଦର ମେୟର, ଡେପୁଟି ମେୟର, ଅଧ୍ୟକ୍ଷ, ଉପାଧ୍ୟକ୍ଷ, କର୍ପୋରେଟର ଓ କାଉନସିଲରଙ୍କ ପାରିତୋଷିକ ଓ ଭତ୍ତା ରାଜ୍ୟ ସରକାର ବୃଦ୍ଧି କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଆଜି ଏହି ଘୋଷଣା କରିଛନ୍ତି । ପଞ୍ଚମ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିସ ତଥା ଓଡିଶା ମ୍ୟୁନିସିପାଲ କର୍ପୋରେସନ ରୁଲ୍ସ-୨୦୦୪ ଏବଂ ଓଡିଶା ମ୍ୟୁନିସିପାଲିଟି ରୁଲ୍ସ-୧୯୫୩ ରେ ସଂଶୋଧନ କରାଯାଇ ଏହି ବୃଦ୍ଧି କରାଯାଇଛି ।

ମହାନଗର ନିଗମଗୁଡ଼ିକର ମେୟରମାନେ ବର୍ତ୍ତମାନ ସଂଶୋଧିତ ପାରିତୋଷିକ ୫୦ ହଜାର ଟଙ୍କା ପାଇବେ । ସେହିପରି ଡେପୁଟି ମେୟର ୨୦ ହଜାର ଟଙ୍କା, ପୌର ପରିଷଦ ଅଧ୍ୟକ୍ଷ ୧୫ ହଜାର, ଉପାଧ୍ୟକ୍ଷ ୧୦ ହଜାର ଟଙ୍କା ମାସିକ ପାରିତୋଷିକ ପାଇବେ ।

ସେହିପରି ଏନ୍.ଏ.ସି. ଅଧ୍ୟକ୍ଷମାନଙ୍କର ମାସିକ ପାରିତୋଷିକ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ଉପାଧ୍ୟକ୍ଷଙ୍କ ମାସିକ ପାରିତୋଷିକ ୭ ହଜାର ୫୦୦ ଟଙ୍କାକୁ ବୃଦ୍ଧି କରାଯିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

## ବନକଲାଗି

ପୁରୀ ଶ୍ରୀମନ୍ଦିରରେ ଆଜି ଫାଲଗୁନ ଶୁକ୍ଳ ଚତୁର୍ଥୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକ ଲାଗି ନୀତି ଅନୁଷ୍ଠିତ ହେବ। ବିଭିନ୍ନ ପ୍ରାକୃତିକ ରଙ୍ଗ ସହ ଦତ୍ତ ମହାପାତ୍ର ସେବକମାନେ ପ୍ରଭୁ ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀଜଗନ୍ନାଥ ଏବଂ ଚକ୍ରରାଜ ଶ୍ରୀ ସୁଦର୍ଶନଙ୍କୁ ବନକଲାଗି କରିବେ । ଏହା ଏକ ଗୁପ୍ତନୀତି ହୋଇଥିବାରୁ ସନ୍ଧ୍ୟା ୬ ଟା ରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି। ଏହି ନୀତି ଶେଷ ହେବା ପରେ ଚତୁର୍ଦ୍ଧା ବିଗ୍ରହଙ୍କୁ ମହାସ୍ନାନ ଏବଂ ବଡ଼ସିଂହାର ବେଶ କରାଯିବ ।

## ସ୍ଥାନୀୟ ଭାଷା- ଧର୍ମେନ୍ଦ୍ର

କେନ୍ଦ୍ର ସରକାର ଆଦ୍ୟଶିକ୍ଷା ପର୍ଯ୍ୟାୟରେ ସ୍ଥାନୀୟ ଭାଷାରେ ଶିକ୍ଷଣ ସାମଗ୍ରୀ ଯୋଗାଇଦେବା ଲକ୍ଷ୍ୟରେ ଓଡ଼ିଶାର ୬ଟି ସ୍ଥାନୀୟ ଭାଷା ସହିତ ମୋଟ୍ ୫୨ଟି ପ୍ରାଇମର ଉନ୍ମୋଚନ କରିଛନ୍ତି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉନ୍ମୋଚନ କରିଥିବା ଓଡ଼ିଶାର ଆଦ୍ୟ ଭାଷାଗୁଡ଼ିକ ଗଦବା, ଜୁଆଙ୍ଗ, କୁଇ, କିଷାନ, ସାନ୍ତାଳି ଏବଂ ସୋରା ପ୍ରାଇମର ଗୁଡ଼ିକ ନିମନ୍ତେ ସ୍ୱତନ୍ତ୍ର ଭାବରେ ବିକଶିତ କରାଯାଇଛି । ଏନ୍‌ସିଇଆର୍‌ଟି ପକ୍ଷରୁ ଦେଶର ୧୭ଟି ରାଜ୍ୟରେ ୫୨ଟି ସ୍ଥାନୀୟ ଭାଷାରେ ପ୍ରାଇମର ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ପ୍ରାଇମର ଗୁଡ଼ିକ ପିଲାମାନଙ୍କର ଶିକ୍ଷା ବିଶେଷକରି ଗ୍ରାମାଞ୍ଚଳ ପିଲାମାନଙ୍କର ଶିକ୍ଷା

ଆହରଣକୁ ସହଜ କରିବାରେ ଉପାଦେୟ ହେବ ବୋଲି ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ଉଡ଼ାନ୍ ଯୋଜନା

କେନ୍ଦ୍ର ସରକାରଙ୍କର ଉଡ଼ାନ୍ ଯୋଜନାରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ସହର ନିକଟସ୍ଥ ଦାଣ୍ଡବୋଷ୍ ଏୟାରଷ୍ଟ୍ରିପ୍‌କୁ ସାମିଲ କରାଯାଇଛି ବୋଲି ବେସାମରିକ ବିମାନ ଚଳାଚଳ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡ଼ିଛି । ଦାଣ୍ଡବୋଷ୍ ଏୟାରଷ୍ଟ୍ରିପ୍‌ର ଉନ୍ନତିକରଣ ପାଇଁ ମନ୍ତ୍ରଣାଳୟ ୪୫ କୋଟି ଟଙ୍କା ଖର୍ଚ୍ଚ କରିବ । ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୧୯ ଆସନ ବିଶିଷ୍ଟ ବିମାନ ରାଇରଙ୍ଗପୁରରୁ ରାଉରକେଲା-ଅମ୍ବିକାପୁରକୁ ଉଡ଼ାଣ କରିବ ।

## ବଲାଙ୍ଗିର ଇଣ୍ଟରସିଟି ଏକ୍ସପ୍ରେସ୍

ଭୁବନେଶ୍ୱର-ବଲାଙ୍ଗିର-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ ଟ୍ରେନ୍‌କୁ ଉଭୟ ପାର୍ଶ୍ୱରୁ ସୁବର୍ଣ୍ଣପୁର ପର୍ଯ୍ୟନ୍ତ ସଂପ୍ରସାରଣ କରାଯାଇଛି । ପୂର୍ବତଟ ରେଳବାଇର ସୂଚନା ଅନୁସାରେ ଆସନ୍ତାକାଲି ଠାରୁ ଅପରାହ୍ନ ଗୋଟାଏରେ ଇଣ୍ଟରସିଟି ଏକ୍ସପ୍ରେସ୍ ଟ୍ରେନ୍ ସୁବର୍ଣ୍ଣପୁରରୁ ଯାତ୍ରା ଆରମ୍ଭ କରି ରାତି ୯ଟା ୪୫ରେ ଭୁବନେଶ୍ୱରରେ ପହଞ୍ଚିବ । ସେହିଭଳି ଶୁକ୍ରବାର ଠାରୁ ଭୁବନେଶ୍ୱରରୁ ଟ୍ରେନ୍ ସୁବର୍ଣ୍ଣପୁର ଅଭିମୁଖେ ଯାତ୍ରା କରିବ । ସୂଚନା ଅନୁସାରେ ଭୁବନେଶ୍ୱର ଏବଂ ବଲାଙ୍ଗିର ମଧ୍ୟରେ ରହଣି

ଏବଂ ସମୟରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ । ବଲାଙ୍ଗିର ଏବଂ ସୁବର୍ଣ୍ଣପୁର ମଧ୍ୟରେ ଏହି ଟ୍ରେନ୍ ବିଛୁପାଲି, ଝରତରଭା ଏବଂ ନରସିଂହଗଡ଼ ଷ୍ଟେସନରେ ରହଣି କରିବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ କୁହାଯାଇଛି ।

## ଆଦର୍ଶ ମତଦାନ କେନ୍ଦ୍ର

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିଭିନ୍ନ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଉଛି । ପ୍ରତି ବିଧାନସଭା ମଣ୍ଡଳୀର ସମୁଦାୟ ମତଦାନ କେନ୍ଦ୍ର ମଧ୍ୟରୁ ୨୦ ପ୍ରତିଶତ ଆଦର୍ଶ ମତଦାନ କେନ୍ଦ୍ର ଖୋଲିବା ପାଇଁ ନିର୍ବାଚନ ଆୟୋଗ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି । ପ୍ରାୟ ୧୦ ପ୍ରତିଶତ ମତଦାନ କେନ୍ଦ୍ର କେବଳ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ମଡେଲ୍ ମଣ୍ଡିର ଶିଳାନ୍ୟାସ

ନୟାଗଡ଼ ଜିଲ୍ଲା ବାହାଡ଼ଝୋଲା ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ନିର୍ମାଣ ହେବାକୁ ଥିବା ମଡେଲ୍ ମଣ୍ଡିର ଶିଳାନ୍ୟାସ ହୋଇଛି। ତୁଳସୀପୁର ମୌଜାରେ ଏହି ମଡେଲ ମଣ୍ଡି ନିର୍ମାଣ ହେବ। ଏଥିପାଇଁ ୮ କୋଟି ୨୭ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ମଣ୍ଡିରେ ଛୋଟବଡ଼ ୩୫ଟି ଗୋଦାମ ଗୃହ, ୩୦ ମେଟ୍ରିକ ଟନ ବିଶିଷ୍ଟ ଶୀତଳ ଭଣ୍ଡାର, ଓଜନ କଣ୍ଟା, କୃଷକ ସୂଚନା କେନ୍ଦ୍ର, କୃଷକ ବିଶ୍ରାମ

ଗୃହ, କ୍ୟାଣ୍ଟିନ୍, ନିଲାମ ଗୃହ, ମୁକ୍ତାକାଶ ପିଣ୍ଡି ଏବଂ ୬୦ ଫୁଟ ଚଉଡ଼ା ରାସ୍ତା ନିର୍ମାଣ କରାଯିବ। ଏହି ମଣ୍ଡିରେ ଇ-ନାମ୍ ଜରିଆରେ ବାହାର ବ୍ୟବସାୟୀ କିଣାବିକା କରିବା ପାଇଁ ବ୍ୟବସ୍ଥା ରହିବ। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁଙ୍କ ସମେତ ଅନ୍ୟ ଜନପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ହାଇକୋର୍ଟ-ଏସ୍‌ସିବି ଅଗ୍ନି ନିରାପତ୍ତା ମାମଲା

କଟକ ବଡ ମେଡିକାଲ କଲେଜ୍ ଏବଂ ହସ୍‌ପିଟାଲର ଅଗ୍ନି ନିରାପତ୍ତା ବ୍ୟବସ୍ଥା ମାମଲାରେ ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକ, ଏସସିବି କଲେଜ୍ ଅଧୀକ୍ଷକ ଏବଂ ଅନ୍ୟମାନେ ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇ ଅଗ୍ନି ନିରାପତ୍ତା ସମ୍ବନ୍ଧୀୟ ପଦକ୍ଷେପ ନିଆଯାଉଛି ବୋଲି କୋର୍ଟଙ୍କୁ ଜଣାଇଛନ୍ତି।

ପୁରୁଣା ବିଲ୍ଡିଂରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ନିର୍ମାଣ କାମ ଶେଷ ପାଇଁ ଆଉ ୬ ମାସ ସମୟ ଲାଗିବ। ଆସନ୍ତା ୮ ମାସ ମଧ୍ୟରେ ସମସ୍ତ କାର୍ଯ୍ୟର ଅଗ୍ରଗତି ନେଇ ସତ୍ୟପାଠ ଜରିଆରେ ଜଣାଇବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ଧୂମପାନ

ଆଜି ହେଉଛି ଧୂମପାନ ବର୍ଜନ ଦିବସ। ଏକ ସଦ୍ୟତମ ଆକଳନରୁ ଜଣାପଡିଛି, ପ୍ରତିବର୍ଷ ବିଶ୍ୱରେ ପ୍ରାୟ ୬୦ ଲକ୍ଷ ଲୋକ ଧୂମପାନଜନିତ

ରୋଗ ଯୋଗୁଁ ମୃତ୍ୟୁମୁଖରେ ପଡୁଛନ୍ତି । ସେମାନଙ୍କ ମଧ୍ୟରୁ ୬ ଲକ୍ଷ ଲୋକ ଧୂମପାନ କରୁନଥିଲେ ମଧ୍ୟ ପରୋକ୍ଷ ଭାବେ ପ୍ରଭାବିତ ହୋଇ ପ୍ରାଣ ହରାଉଛନ୍ତି ।

*********************************